# ନେହେରୁ ଯୁବକେନ୍ଦ୍ର ସଂଗଠନ ତରଫରୁ ଯୁବା ସମ୍ବାଦ- ଭାରତ ୨୦୪୭

ପୁରୀ:ଆମ ଯଶସ୍ୱୀ  ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଙ୍କ ପ୍ରେରଣା ଏବଂ ମାର୍ଗଦର୍ଶନରେ ଭାରତ 'ଆଜାଦି କା ଅମୃତ ମହୋତ୍ସବ' ସ୍ୱାଧୀନତାର ୭୫ ତମ ବର୍ଷ ପାଳନ କରୁଥିବା ବେଳେ,୨୦୪୭ରେ ଆଗାମୀ ସ୍ୱାଧୀନତା ର ଶତବାର୍ଷିକୀ ପାଳନ କରୁଥିବା ବେଳେ ଭାରତର ସ୍ବର୍ଣ୍ଣିମ ଇତିହାସ,  ଲୋକ କଳା, ସଂସ୍କୃତି ଏବଂ ସଫଳତାର ଗାରିମା ମୟ ଉପଲବ୍ଧି  ,(ଯାହାକି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ତାଙ୍କ ସ୍ୱାଧୀନତା ଦିବସ ଭାଷଣରେ  ପଞ୍ଚପ୍ରାଣର ମନ୍ତ୍ର ଘୋଷଣା କରିଥିଲେ;  ଅମୃତ କାଲ ଯୁଗରେ ଭାରତର ଏକ ଦର୍ଶନ ୨୦୪୭) ସମ୍ପର୍କରେ ଦେଶ ର ଯୁବପିଢ଼ିଙ୍କୁ ଅବଗତି କରାଇବା ନିମନ୍ତେ ଭାରତ ସରକାରଙ୍କ ଯୁବ ଏବଂ କ୍ରୀଡା ମନ୍ତ୍ରଣାଳୟ ର ନେହେରୁ ଯୁବକେନ୍ଦ୍ର ସଂଗଠନ ତରଫରୁ ଯୁବ ସମ୍ବାଦ-୨୦୪୭ କାର୍ଯ୍ୟକ୍ରମ ର ଅପ୍ରେଲ ମାସ ରେ ଆୟୋଜନ କରାଯାଉଅଛି।

ଏହି ପରିପ୍ରେକ୍ଷୀରେ, ପ୍ରଧାନ ମନ୍ତ୍ରୀ ଙ୍କ ବିରାଟ ଲକ୍ଷ୍ୟ ,ପଞ୍ଚପ୍ରାଣ ୧. ବିକଶିତ ଭାରତ,୨.ଗୋଲାମୀର ମାନସିକତାରୁ ସମ୍ପୂର୍ଣ ଭାବେ ମୁକ୍ତ ହେବା ୩.ଆମର ଗୌରବଶାଳୀ ଅତୀତ କୁ ସମ୍ମାନ ଜଣାଇବା ୪.ଏକତା ଏବଂ ଏକ ଜୁଟତା (  ଏକ ଭାରତ ଶ୍ରେଷ୍ଠ ଭାରତ)ପ୍ରତି ପ୍ରତିବଦ୍ଧତା ସୃଷ୍ଟି କରିବା ୫.ନାଗରିକ ମାନଙ୍କ ମଧ୍ୟରେ କର୍ତ୍ତବ୍ୟ ପ୍ରତି ଦାୟିତ୍ୱ ବୋଦ୍ଧତା ସୃଷ୍ଟି କରିବା ଲକ୍ଷ୍ୟ ରେ ଭାରତ ସରକାର ଙ୍କ

ଯୁବ ବ୍ୟାପାର ଏବଂ କ୍ରୀଡା ମନ୍ତ୍ରଣାଳୟ   ଏହାର ସ୍ୱୟଂଶାସିତ ସଂଗଠନ ନେହେରୁ ଯୁବା କେନ୍ଦ୍ର ସଂଗଠନ୍ (NYKS), ନେତୃତ୍ୱ ରେ ସମଗ୍ର ପୁରୀ ଜିଲ୍ଲାରେ ସାମାଜିକ ସଂଗଠନ ମାଧ୍ୟମରେ "YUVA SAMVAD- India @ 2047" କାର୍ଯ୍ୟକ୍ରମ  1 ଏପ୍ରିଲରୁ 31 ମଇ, 2023 ପର୍ଯ୍ୟନ୍ତ ଆୟୋଜନ କରିବାକୁ ଯାଉଛି।

ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସ୍ତରରେ ବିଭିନ୍ନ ସିବିଏସ୍ଇ (କମ୍ୟୁନିଟି-ଆଧାରିତ ଯୁବ ସଂଗଠନ) ର  ସହଯୋଗରେ ଆୟୋଜନ କରାଯିବାକୁ ଯୋଜନା କରାଯାଇଛି, ଯେଉଁମାନେ ଜିଲ୍ଲା NYKS ସହିତ ହାତ ମିଳାଇ ଦେଶର ସ୍ବର୍ଣ୍ଣିମ ଭବିଷ୍ୟତ ଉପରେ ଏକ ସକରାତ୍ମକ ପରିବେଶ ସୃଷ୍ଟି କରିବେ।

ଏହି କାର୍ଯ୍ୟକ୍ରମରେ ଭାରତର ପ୍ରାଚୀନ ଐତିହ୍ୟ ଏବଂ ଗାରିମା ମୟ ଉପଲବ୍ଧି ସମ୍ପର୍କରେ ବିଶେଷ ଜ୍ଞାନ ଥିବା ବ୍ୟକ୍ତିମାନେ ଯୋଗଦେଇ ପଞ୍ଚପ୍ରାଣ ଉପରେ  ଆଲୋଚନାକୁ ଆଗେଇ ନେବେ ଏବଂ   ଅଂଶଗ୍ରହଣକାରୀ ଯୁବକ ମାନଙ୍କ ପାଇଁ ବିଭିର୍ଣ୍ଣ ପ୍ରଶ୍ନ ର  ଉତ୍ତର ରଖିବେ।

ଆବେଦନ କରିବାକୁ ଚାହୁଁଥିବା ଯୁବ ସଂଗଠନ ର କାର୍ଯ୍ୟକର୍ତ୍ତାମାନେ  ଯେଉଁମାନଙ୍କ ର କି କାର୍ଯ୍ୟକ୍ରମ ପରିଚାଳନା ର ଯଥେଷ୍ଟ ସାଂଗଠନିକ ଶକ୍ତି ଏବଂ ଅଭିଜ୍ଞତା ଅଛି, ସେମାନଙ୍କ ବିରୋଧରେ କୌଣସି ଅପରାଧିକ ମାମଲା ନାହିଁ,ସେମାନେ ଯୟଶଙ୍କର ଯୋଶୀ,ଜିଲା ଯୁବ ଅଧିକାରୀ,ନେହେରୁ ଯୁବ କେନ୍ଦ୍ର ସଂଗଠନ,ପୁରୀ, ମୋ:7008735563 ରେ ଜୋଗାଯୋଗ କରିବାକୁ ଅନୁରୋଧ।